The Odisha Gazette

EXTRAORDINARY
PUBLISHED BY AUTHORITY

No. 1439, CUTTACK, FRIDAY, AUGUST 10, 2018/ SRAVAN 19, 1940

[ସଂଖ୍ୟା 12909–SME-SSE-SSE-0095/2017/ ଏସ.ଏମ.ଇ.]

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

### ସଂକଳ୍ପ

ତା.7.6.2018

**ବିଷୟ: ଦଶମ ଶ୍ରେଣୀରେ ସଫଳତା ପାଇଥିବା ଛାତ୍ର/ଛାତ୍ରୀଙ୍କ ଅଭିଭାବକ ଓ ଉତ୍କୃଷ୍ଟ ବିଦ୍ୟାଳୟ ପ୍ରୋତ୍ସାହନ ପୁରସ୍କାର ।**

ମେଧାବୀ ଛାତ୍ରଛାତ୍ରୀଙ୍କ ବୃତ୍ତି ଓ ପୁରସ୍କାର ଦେବାର ସରକାରୀ ବ୍ୟବସ୍ଥା ରହିଥିବା ବେଳେ ସଂପୃକ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ବିଦ୍ୟାଳୟକୁ ସରକାରଙ୍କ ତରଫରୁ ପୁରସ୍କୃତ କରିବାର କୌଣସି କାର୍ଯ୍ୟକ୍ରମ ଗ୍ରହଣ କରାଯାଇନାହିଁ। ଜଣେ ବିଦ୍ୟାର୍ଥୀର ସଫଳତା ପଛରେ ତାହାର ଅଭିଭାବକ ତଥା ଶିକ୍ଷକ/ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ଅତ୍ୟନ୍ତ ଗୁରୁତ୍ବ ପୂର୍ଣ୍ଣ ଭୂମିକା/ ଅବଦାନ ରହିଥାଏ । ଏହାକୁ ଦୃଷ୍ଟିରେ ରଖି ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେଉଥିବା ବିଦ୍ୟାର୍ଥୀମାନଙ୍କର ଅଭିଭାବକ ଓ ଉତ୍କୃଷ୍ଟ ଶିକ୍ଷାନୁଷ୍ଠାନର ଶିକ୍ଷକମାନଙ୍କୁ ପୁରସ୍କୃତ କରିବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।

୧. <u>ଉଦ୍ଦେଶ୍ୟ</u> :

(କ) ସଫଳ ବିଦ୍ୟାର୍ଥୀଙ୍କ ଅଭିଭାବକ ଓ ବିଦ୍ୟାଳୟକୁ ସ୍ବୀକୃତି ଓ ପ୍ରୋତ୍ସାହନ ଦେବା।

(ଖ) ଅଧିକ ସଫଳ ବିଦ୍ୟାର୍ଥୀ ସୃଷ୍ଟି ପାଇଁ ବିଦ୍ୟାଳୟଗୁଡିକୁ ପ୍ରେରିତ ଓ ପ୍ରୋତ୍ସାହିତ କରିବା।

(ଗ) ଓଡିଆ ମାଧ୍ୟମ ସରକାରୀ ବିଦ୍ୟାଳୟଗୁଡିକ ଶିକ୍ଷା ଗ୍ରହଣ ପାଇଁ ଆଗ୍ରହ ସୃଷ୍ଟି କରିବା ଓ ନାମ ଲେଖାଇବା ପାଇଁ ଆକୃଷ୍ଟ କରିବା।

୨. **<u>ପୁରସ୍କାର ରାଶି</u> :**

ଏହା ଏକକାଳୀନ ପୁରସ୍କାର ଅଟେ। ଉତ୍କୃଷ୍ଟ ବିଦ୍ୟାଳୟ ନିମନ୍ତେ ପୁରସ୍କାର ରାଶି ଟ୧,୦୦,୦୦୦/- (ଏକ ଲକ୍ଷ ଟଙ୍କା) ଅଟେ।

୩. <u>ମାର୍ଗ ଦର୍ଶିକା (ନିୟମାବଳୀ)</u> :

(କ) ଏହି ପୁରସ୍କାର ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦଦ୍ବାରା ସ୍ବୀକୃତି ପ୍ରାପ୍ତ ସରକାରୀ ଓ ବେସରକାରୀ ଓଡିଆ ମାଧ୍ୟମ ଉଚ୍ଚ ବିଦ୍ୟାଳୟ ଓ ତାହାର ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ନିମନ୍ତେ ଉଦ୍ଦିଷ୍ଟ।

(ଖ) ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ବାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାରେ ଅଧିକ ନମ୍ବର ରଖି ପାଶ୍ କରିଥିବା ଛାତ୍ର/ଛାତ୍ରୀଙ୍କ ଅଭିଭାବକ ଓ ସର୍ବାଧିକ ପାଶ୍ ହାର ଥିବା ବିଦ୍ୟାଳୟର ଏହି ସମ୍ମାନ ପୁରସ୍କାର ପାଇବେ ।

(ଗ) ପ୍ରତି ବ୍ଲକରେ ୩ଟି, କର୍ପୋରେସନ୍‌ରେ ୨ଟି, ମ୍ୟୁନିସିପାଲିଟି /NACରେ ୧ଟି ଲେଖାଏଁ ବିଦ୍ୟାଳୟ ଟ.୧,୦୦,୦୦୦/- ଅଧିକ ସଫଳତା ହାର ପାଇଥିବା ବିଦ୍ୟାଳୟ ଟ.୧,୦୦,୦୦୦/- (ଏକ ଲକ୍ଷ ଟଙ୍କା)ର ପୁରସ୍କାର ରାଶି ଏକକାଳୀନ ପାଇବେ

(ଘ) ଉତ୍କୃଷ୍ଟ ବିଦ୍ୟାଳୟ ଚୟନ ପାଇଁ ସର୍ବନିମ୍ନ ୪୦ ବା ତତୋଧିକ ନିୟମିତ (Regular) ଛାତ୍ର/ଛାତ୍ରୀ ବିଦ୍ୟାଳୟରୁ ମାଟ୍ରିକ ପରୀକ୍ଷା ଦେଇଥିବା ଆବଶ୍ୟକ

(ଙ) ପ୍ରତି ଜିଲ୍ଲାରୁ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ପାସ୍ କରିଥିବା ୧୦ ଜଣ ଛାତ୍ର / ଛାତ୍ରୀଙ୍କ ଅଭିଭାବକଙ୍କୁ ସମ୍ମାନିତ ହେବେ

(ଚ) ଜିଲ୍ଲା ସ୍ତରରେ ସ୍ବାଧୀନତା ଦିବସ କିମ୍ବା ଏକ ସ୍ବତନ୍ତ୍ର ଉତ୍ସବରେ ଏହି ସମ୍ମାନ ଓ ପୁରସ୍କାର ପ୍ରଦାନ କରାଯିବ। ଏ ସଂକ୍ରାନ୍ତୀୟ ନିଷ୍ପତ୍ତି ଜିଲ୍ଲାସ୍ତରୀୟ କମିଟି ଗ୍ରହଣ କରିବେ।

**୪. <u>ଚୟନ ପ୍ରକ୍ରିୟା</u> :**

(କ) ପ୍ରତ୍ୟେକ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ବାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଫଳ ପ୍ରକାଶନର ଏକ ମାସ ମଧ୍ୟରେ ପରିଷଦର ସଚିବ, ବ୍ଲକୱାରୀ ଯୋଗ୍ୟ ଛାତ୍ର /ଛାତ୍ରୀଙ୍କ ନାମ, ଜିଲ୍ଲାର ସର୍ବାଧିକ ନମ୍ବର ରଖିଥିବା ୧୦ ଜଣ ଛାତ୍ର /ଛାତ୍ରୀଙ୍କ ପିତା ଓ ମାତାଙ୍କ ନାମ ଓ ବିଦ୍ୟାଳୟର ନାମ ଇତ୍ୟାଦିର ବିବରଣୀ ସଂପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବେ। ସେହିଭଳି ସର୍ବାଧିକ ପାଶ୍ ହାର ଥିବା ଉଚ୍ଚ ବିଦ୍ୟାଳୟ ମାନଙ୍କର ସୂଚୀ ମଧ୍ୟ ସଂପୃକ୍ତ ଜିଲ୍‌ା ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବେ।

**(ଖ)** ଯୋଗ୍ୟ ଅଭିଭାବକ ଓ ବିଦ୍ୟାଳୟ ଚୟନ ନିମନ୍ତେ ଏକ ଜିଲ୍ଲାସ୍ତରୀୟ କମିଟି ନିମ୍ନମତେ ଗଠନ କରାଯିବ।

| | | | |
|---|---|---|---|
| (i) | ଜିଲ୍ଲାପାଳ | – | ଅଧ୍ୟକ୍ଷ୍ୟ |
| (ii) | ଜିଲ୍ଲା ଶିକ୍ଷା ଅଧିକାରୀ | - | ସଭ୍ୟ ତଥା ଆବାହକ |
| (iii) | ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ | - | ସଭ୍ୟ |

**(ଗ) ଯୋଗ୍ୟ ବିଦ୍ୟାଳୟ ଚୟନ ନିୟମାବଳୀ:-**

(i) ପ୍ରତି ବ୍ଲକ, ନିଗମ, ମ୍ୟୁନିସିପାଲିଟର ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ମାଟ୍ରିକ ପରୀକ୍ଷାରେ ଅଧିକ ସଫଳତା ହାର ପାଇଥିବା ବିଦ୍ୟାଳୟ ମାନଙ୍କର ତାଲିକା ମାଧ୍ୟମିକ ଶିକ୍ଷା ପରିଷଦ, ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଫଳ ପ୍ରକାଶନର ଏକ ମାସ ମଧ୍ୟରେ ପ୍ରଦାନ କରିବେ।

(ii) ବ୍ଲକ, ନିଗମ, ମ୍ୟୁନିସିପାଲିଟର ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଏକାଧିକ ବିଦ୍ୟାଳୟ ସମାନ ସଫଳତା ହାର ପାଇଥିଲେ ସମୁଦାୟ ପରୀକ୍ଷା ଦେଇଥିବା ପିଲା ଅନୁପାତରେ A1 ଗ୍ରେଡରେ ଅଧିକ କୃତକାର୍ଯ୍ୟ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ହାର ବିଚାରକୁ ନିଆଯିବ ଆବଶ୍ୟକୀୟ ବିଦ୍ୟାଳୟ ଏଥିରେ ଯୋଗ୍ୟ ବିବେଚିତ ନ ହେଲେ A2 ହାର ବିଚାରକୁ ନିଆଯିବ ଏହାପରେ ଯୋଗ୍ୟ ବିଦ୍ୟାଳୟ ଚୟନ ପାଇଁ ସେହି ପ୍ରକ୍ରୀୟାରେ B1 ଓ B2 ପାସ ହାରକୁ ବିଚାରକୁ ନିଆଯାଇ ପୁରସ୍କାର ପାଇଁ ଯୋଗ୍ୟ ବିଦ୍ୟାଳୟ ଚୟନ କରାଯିବ।

(iii) ଯୋଗ୍ୟ ବିଦ୍ୟାଳୟର କୌଣସି ନିୟମିତ (Regular) ଛାତ୍ର/ଛାତ୍ରୀ Mal practice (MP) ରେ ଅନୁବନ୍ଦିତ ହୋଇନଥିବେ।

**(ଘ) ଯୋଗ୍ୟ ଅଭିଭାବକ ଚୟନ ନିୟମାବଳୀ:**

(i) ଜିଲ୍ଲା ଶିକ୍ଷାଅଧିକାରୀ ମାଧମିକ ଶିକ୍ଷା ପରିଷଦ ଠାରୁ ପ୍ରାପ୍ତ ଜିଲ୍ଲାର ସର୍ବାଧିକ ନମ୍ବର ରଖିଥିବା ୧୦ଜଣ ଛାତ୍ର /ଛାତ୍ରୀଙ୍କ ଅଭିଭାବକମାନଙ୍କୁ ଚୟନ କରିବେ।

(ii) ଯୋଗ୍ୟତା ଚୟନ ସମୟରେ ଯଦି ଏକାଧିକ ଛାତ୍ର, ଛାତ୍ରୀ ଏକା ନମ୍ବର ରଖିଥିବେ ସେ କ୍ଷେତ୍ରରେ ବିଜ୍ଞାନରେ ଅଧିକ ନମ୍ବର ରଖିଥିବା ଛାତ୍ର /ଛାତ୍ରୀଙ୍କ ଅଭିଭାବକଙ୍କୁ ଏହି ସମ୍ମାନ ପାଇଁ ଯୋଗ୍ୟ ବିଚାର କରାଯିବ ଯଦି ବିଜ୍ଞାନରେ ସମାନ ନମ୍ବର ଥାଏ ତାହା ହେଲେ ସେମାନଙ୍କ ମଧ୍ୟରେ ଥିବା ଗଣିତରେ ସର୍ବାଧିକ ନମ୍ବର ଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନଙ୍କୁ ସମ୍ମାନିତ କରିବା ପାଇଁ ବିଚାର କରାଯିବ ।

(iii) ଯୋଗ୍ୟ ଅଭିଭାବକ ମାନଙ୍କୁ କୌଣସି ପୁରସ୍କାର ରାଶି ପ୍ରଦାନ କରାଯିବ ନାହିଁ ।

(ଙ) ଜିଲ୍ଲା ଶିକ୍ଷାଧିକାରୀ, ମାଧମିକ ଶିକ୍ଷା ବୋର୍ଡଙ୍କ ଠାରୁ ପ୍ରାପ୍ତ ବିବରଣୀକୁ ତର୍ଜମାକରି ଏକ ମାସ ମଧ୍ୟରେ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ଅଭିଭାବକ ଓ ବିଦ୍ୟାଳୟର ତାଲିକା ଜିଲ୍ଲା କମିଟି ନିକଟରେ ଉପସ୍ଥାପନ କରିବେ।

(ଚ) ଜିଲ୍ଲା ଶିକ୍ଷା ଅଧିକାରୀ କମିଟି ଦ୍ବାରା ଅନୁମୋଦିତ ଯୋଗ୍ୟ ଅଭିଭାବକ ଓ ଉତ୍କୃଷ୍ଟ ବିଦ୍ୟାଳୟମାନଙ୍କ ଉଦ୍ଦେଶ୍ୟରେ ଏକ ଜ୍ଞାପକ ଜାରି କରିବେ।

**୫) ପୁରସ୍କାର ନିମନ୍ତେ ପାଣ୍ଠିଯୋଗାଣ ଓ ପୁରସ୍କାର ବଣ୍ଟନ:**

(କ) ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ପୁରସ୍କାର ବାବଦକୁ ଦେୟ ଅର୍ଥରାଶି ନିମନ୍ତେ ବଜେଟରେ ବ୍ୟୟ ଅଟକଳର ବ୍ୟବସ୍ଥା କରିବେ ଓ ମାଧମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପ୍ରତିବର୍ଷ ଜୁନ୍ ମାସ ଶେଷ ଶୁଦ୍ଧା ପାଣ୍ଠି ଯୋଗାଇବା ସହିତ ବ୍ୟୟ ମଞ୍ଜୁର କରିବେ।

(ଖ) ମାଧମିକ ଶିକ୍ଷା ନିର୍ଦ୍ଦେଶକ ଜୁଲାଇ ୧୫ ତାରିଖ ସୁଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଆବଶ୍ୟକୀୟ ପାଣ୍ଠି ପ୍ରଦାନ କରିବେ।

(ଗ) ଜିଲ୍ଲାଶିକ୍ଷା ଅଧିକାରୀ ଜିଲ୍ଲା କମିଟି ଦ୍ବାରା ଅନୁମୋଦିତ ତାଲିକା ଅନୁସାରେ ପୁରସ୍କାର ନିମନ୍ତେ ବିଦ୍ୟାଳୟମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପୁରସ୍କାର ରାଶି ସ୍ଥାନାନ୍ତର କରିବେ। କୌଣସି ପରିସ୍ଥିତିରେ ପୁରସ୍କାର ରାଶି ନଗଦ ଆକାରରେ ପ୍ରଦାନ କରାଯିବ ନାହିଁ। ପୁରସ୍କାର ରାଶି ସେପ୍ଟେମ୍ବର ମାସ ଶେଷ ଶୁଦ୍ଧା ବିଦ୍ୟାଳୟମାନଙ୍କୁ ପ୍ରଦାନ କରାଯିବ।

(ଘ) ଯୋଗ୍ୟ ବିଦ୍ୟାଳୟ ପାଇଥିବା ପୁରସ୍କାର ରାଶି ପ୍ରଧାନ ଶିକ୍ଷକ ଓ ମାଧ୍ୟମିକ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଶିକ୍ଷକ ମାନଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରାଯିବ

(ଙ) ସ୍ବାଧିନତା ଦିବସ ଅବସରରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଉତ୍ସବରେ କିମ୍ବା ଏକ ସ୍ବତନ୍ତ୍ର ଉତ୍ସବରେ ବିଦ୍ୟାଳୟ ଗୁଡିକୁ ପୁରସ୍କାର ପ୍ରଦାନ କରାଯିବ ଓ ଅଭିଭାବକମାନଙ୍କୁ ସମ୍ମାନିତ କରାଯିବ।

ଏହି ପୁରସ୍କାର ଯୋଜନା ୨୦୧୮ ମସିହା ବାର୍ଷିକ ହାଇସ୍କୁଲ ପରୀକ୍ଷା ପରଠାରୁ କାର୍ଯ୍ୟକାରୀ ହେବ।

ଏହା ଅର୍ଥ ବିଭାଗ ଦ୍ବାରା **ତା.20.03.2018** ରିଖରେ, ଏହି ବିଭାଗର ଓସ୍ୱାସ **(OSWAS)** ନଥି ସଂଖ୍ୟା **SME-SSE-SSE-0095/2017** ରେ ଅନୁମୋଦିତ ହୋଇଛି।

**ନିର୍ଦ୍ଦେଶ**

ନିର୍ଦ୍ଦେଶ ଦିଆଯାଉଅଛି କି ଏହି ସଂକଳ୍ପଟି ରାଜପତ୍ରର ପରବର୍ତ୍ତୀ ସଂକଳନରେପ୍ରକାଶ କରାଯାଉ।

ରାଜ୍ୟପାଳଙ୍କ ନିର୍ଦ୍ଦେଶମତେ

ପ୍ରଦୀପ୍ତ କୁମାର ମହାପାତ୍ର
ପ୍ରମୁଖ ଶାସନ ସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 916-173+100